



### 'ଲାଉଡ୍ ସ୍ପିକର' କଟକଣା ନିୟମକୁ ଅଣଦେଖା

# ପରୀକ୍ଷା ଋତୁରେ କାନ ଫଟାଉଛି ଡିଜେ

କଟକ,୧୮ ।୨(ସମିସ)

ପରୀକ୍ଷା ଋତୁରେ ସାରା ସହରରେ କାନ ଫଟାଉଛି ଡିଜେ। ସହରର ଗଳିକନ୍ଦିରେ ବାହାଘର, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କେତେକ ଶୋଭାଯାତ୍ରାରେ ଅବାଧରେ ଡିଜେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ହେବା ମାତ୍ରେ ମର୍କତନଗରରୁ ମହାନଦୀ ବିହାର ଡିଜେ ସାଉଣ୍ଡରେ କମ୍ପୁଛି। ତେବେ ପ୍ରମୁଖ ସମସ୍ୟା ହେଉଛି, ଆଜି ଠାରୁ +୨ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ ତାରିଖରେ ଆରମ୍ଭ ହେବ ଦଶମ ବୋର୍ଡ ପରୀକ୍ଷା। ଗତ ୧୫ ତାରିଖରୁ ସିବିଏସଇର ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ଏଥି ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ ପରୀକ୍ଷା ନିମନ୍ତେ ପରୀକ୍ଷାର୍ଥୀମାନେ ପ୍ରସ୍ତୁତି ଜାରି ରଖିଛନ୍ତି। ସହରରେ ଥିବା ଛାତ୍ରଛାତ୍ରୀ ତଥା ବିଦ୍ୟାର୍ଥୀଙ୍କ ପରୀକ୍ଷା ଚାଲୁଥିବା ସମୟରେ ଅବାଧରେ ଡିଜେ ବଜାଇ ଶୋଭାଯାତ୍ରା କରାଯିବା ଘଟଣାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଡିଜେ ବଜାଯିବା ଉପରେ କଟକଣା ଥିବା ବେଳେ କେମିତି ସରକାରୀ ନିୟମକୁ ଅଣଦେଖା କରାଯାଉଛି, ତାହା ସାଧାରଣରେ ଅଭିଯୋଗ ଉଠିଛି। ଡିଜେ ବଜାଯିବାକୁ ନେଇ ଡିସିପି ଜଗମୋହନ ମୀନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ସମସ୍ତ ଥାନା ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ଯେଉଁଠି ଡିଜେ ସାଉଣ୍ଡ ବାଜୁଛି, ତାହାକୁ ଜବତ କରିବା ସହିତ ସମ୍ପୃକ୍ତ ଡିଜେ ମାଲିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ବାଜା ଓ ସାଉଣ୍ଡ ଭଡା ଦେଉଥିବା ମାଲିକମାନେ କୌଣସି ଶୋଭାଯାତ୍ରାରେ ୬୫ଡେସିବୁଲ୍‌ରୁ ଅଧିକ ସାଉଣ୍ଡ ବଜାଇ ପାରିବେ ନାହିଁ ବୋଲି ନିୟମ ରହିଛି। ସହରରେ ଯାଉଥିବା ଶୋଭାଯାତ୍ରାରେ ବ୍ୟବହାର ହେଉଥିବା ସାଉଣ୍ଡ ବ୍ୟବସ୍ଥାକୁ ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଯାଞ୍ଚ କରିବେ।

**ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ**

**ନିରବଦ୍ରଷ୍ଟା ସାଜିଛି କମିଶନରେଟ୍ ପୁଲିସ**

ସହରରେ ଶବ୍ଦ ପ୍ରଦୂଷଣ ରୋକିବାକୁ ପଲ୍ୟୁସନ୍ କଣ୍ଟ୍ରୋଲ୍ ବୋର୍ଡର ସଦସ୍ୟ ଏବଂ ସ୍ଥାନୀୟ ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାର୍ଡ ଯାଞ୍ଚ ପ୍ରକ୍ରିୟାରେ ସାମିଲ୍ ହେବେ। ଶୋଭାଯାତ୍ରା ଗୁଡ଼ିକରେ ୧୨ଶହ ୱାଟ୍ ବିଶିଷ୍ଟ ୪ଟି ଟପ୍ ବକ୍ସ ଓ ୨ଟି ବେସ୍ ବକ୍ସକୁ ମିଶାଇ ସମୁଦାୟ ୬ଟି ସାଉଣ୍ଡ ବକ୍ସ ବ୍ୟବହାର କରି ପାରିବେ। ଡିଜେକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଛି ବୋଲି ଡିସିପି ଶ୍ରୀ ମୀନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ପରୀକ୍ଷା ସମୟ ହେଉ କି ପୂଜା ସମୟ, ଶବ୍ଦପ୍ରଦୂଷଣ କରୁଥିବା ସାଉଣ୍ଡ ଆଦୌ ବ୍ୟବହାର କରାଯାଇ ପାରିବ ନାହିଁ। ଅନ୍ୟପଟେ ସହରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଦି'ଲ କଲେଜ, ଶୈଳବାଳା ସ୍ୱୟଂଶାସିତ ମହିଳା ମହାବଦ୍ୟାଳୟ, ଜେକେବିକେ କଲେଜ, କଟକ କଲେଜ, ସିଟି କଲେଜ, ଇମର୍ତ୍ତୀଦେବୀ ମହିଳା ମହାବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ସମେତ ବହୁ ଉଚ୍ଚଶିକ୍ଷା ଅନୁଷ୍ଠାନ ରହିଛି। ସେହିପରି ବୋର୍ଡ ହାଇସ୍କୁଲ, ରାଣୀହାଟ ହାଇସ୍କୁଲ, ରେଭେନ୍ସା ବାଳିକା ବିଦ୍ୟାଳୟ, ରେଭେନ୍ସା କଲିଜିଏଟ୍ ସ୍କୁଲ, ବକ୍ଲି ଗାର୍ଲସ ସ୍କୁଲ, ଡିସିଏ ଡିଏଭି ଏବଂ ଏଲଆର୍ ଡିଏଭି ଭଳି ଅନେକ ଶିକ୍ଷାନୁଷ୍ଠାନ ସହରରେ ରହିଛି। ଏସବୁ ଶିକ୍ଷାନୁଷ୍ଠାନ ଗୁଡ଼ିକର ନିଜସ୍ୱ ହଷ୍ଟେଲ୍ ମଧ ରହିଛି। ତେବେ ଏବେ ପରୀକ୍ଷା ଚାଲିଥିବା ବେଳେ ପ୍ରତ୍ୟେକ ଛାତ୍ରଛାତ୍ରୀ ପାଠପଢ଼ାରେ ଗୁରୁତ୍ୱ ଦେଉଛନ୍ତି। ଏଭଳି ସ୍ଥିତି ସହରରେ ଡିଜେ ସାଉଣ୍ଡ ବଜାଇ ଶୋଭାଯାତ୍ରା ଗୁଡ଼ିକ ଯାଉଥିବା ବେଳେ ପରୀକ୍ଷାର୍ଥୀଙ୍କ ପାଇଁ ଶୈକ୍ଷକବାତାବରଣ ଖରାପ ହେଉଛି। ଗୋଟିଏ ପଟେ ଡିଜେ କଟକଣାକୁ କେହି ମାନୁଥିବା ବେଳେ ଟ୍ରାଫିକ୍ ପୁଲିସ ଗାଡିରୁ ଉଚ୍ଚଶକ୍ତି ସମ୍ପନ୍ନ ହର୍ଣ୍ଣ ଖୋଲିବାରେ ବ୍ୟସ୍ତ। ଯଦି ଗାଡିରୁ ସାଇଲେନ୍ସର ଓ ହର୍ଣ୍ଣ ଖୋଲାଯିବାକୁ ନେଇ ପୁଲିସର ଏତେ ତତ୍ପରତା ପ୍ରକାଶ ପାଉଛି, ତାହାଲେ ଏଭଳି ପରିସ୍ଥିତିରେ ଡିଜେକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରି ଡିଜେ ମାଲିକଙ୍କ ବିରୋଧରେ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ, ସେଥିନେଇ ପ୍ରଶ୍ନ ଉଠିଛି।




## ଯୁବତୀଙ୍କୁ ସଂଘବଦ୍ଧ ଆକ୍ରମଣ

କଟକ,୧୮ ।୨(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବତୀଙ୍କୁ ବାଲିଯାତ୍ରା ତଳପଡିଆରେ କିଛି ଯୁବକ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏନେଇ ଯୁବତୀ ଜଣକ କ୍ୟାଣ୍ଟନମେଣ୍ଟ ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୧୫ ତାରିଖ ରାତି ୧୦ଟା ବେଳେ ସେ ତାଙ୍କର ସମ୍ପର୍କୀୟ ଭାଇଙ୍କ ସହ ଷ୍ଟାଡିୟମ ପାଖକୁ ଖାଇବାକୁ ଯାଇଥିଲେ। ସେଠାରେ ଖାଇ ସାରି ବୋଇତ ଗେଟ ସାମ୍ନାରେ ବସିଥିଲେ। ଏହି ସମୟରେ ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳର କିଛି ଯୁବକ ତାଙ୍କୁ ଡାକିଥିଲେ। ପୂର୍ବରୁ ସେମାନଙ୍କ ଭିତରେ ଥିବା କିଛି ବ୍ୟକ୍ତିଗତ ସମସ୍ୟାର ସମାଧାନ ନେଇ କଥା ହେବାକୁ ଡାକିବାରୁ ଯୁବତୀ ଜଣକ ସେଠାକୁ ଯାଇଥିଲେ। ସେଠାରେ ୫-୬ ଜଣ ଯୁବକ ଭାଇଭଉଣୀଙ୍କୁ ଘେରିଯାଇ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଯୁବତୀଙ୍କ ଭାଇ ବିରୋଧ କରିବାରୁ ତାଙ୍କୁ ମାରଧର କରିଥିଲେ। ଯୁବତୀଙ୍କ ଫୋନକୁ ଛଡାଇ ନେଇଥିଲେ। ଏପରିକି ଯୁବତୀଙ୍କ ଚୁଟି ଧରି ଘୋଷାଡି ନେଇ ବେକରୁ ଚେନ ଛଡାଇ ନେଇ ଯାଇଥିଲେ ବୋଲି ଯୁବତୀ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ପୁଲିସ ସାହିଲ୍, ଅଜିତ, ରଞ୍ଜିତ ଓ ରକି ନାଁରେ ମାମଲା କରିଛି। ଘଟଣା ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ ସୂଚନା ଦେଇଛନ୍ତି।

**● ଏସ୍‌ସିବିରେ ଶିଶୁ ବଦଳ ଘଟଣା**

## ତନାଘନା ଆରମ୍ଭ କଲା ପୁଲିସ

କଟକ,୧୮ ।୨(ସମିସ): ଏସ୍‌ସିବି ମେଡିକାଲରେ ଶିଶୁ ବଦଳ ଘଟଣାକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ଆଜି ମଙ୍ଗଳାବାଗ ଥାନା ପୁଲିସ ପକ୍ଷରୁ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗର ଷ୍ଟାଫମାନଙ୍କୁ ପଚରାଉଚରା କରାଯାଇଥିଲା। ଜଣେ ପୁଲିସ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି କି, ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହୋଇ ପାରିନାହିଁ। ପୁରୀ ଡିଏଚ୍‌ଏଚ୍‌ରୁ ସ୍ଥାନାନ୍ତର ହୋଇ ୧୧ ତାରିଖରେ ମହିଳା ଜଣକ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ୧୨ ତାରିଖରେ ତାଙ୍କର ଜନ୍ମିତ ଶିଶୁକନ୍ୟାଟି ୧୬୦୦ଗ୍ରାମର ଥିଲା। ଓଜନ କମ୍ ଥିବା ହେତୁ ଶିଶୁକୁ ଏସଏନସିୟୁରେ ଭର୍ତ୍ତି କରାଯାଇଥିଲା। ପରେ ୧୩ ତାରିଖରେ ଶିଶୁର ମୃତ୍ୟୁ ଘଟିଥିଲା। ମହିଳାଜଣକ ଯେଉଁଠାରେ ମୃତ ଶିଶୁକନ୍ୟାକୁ ପୋତି ଥିବା କଥା କହିଥିଲେ, ସେଠାରେ ମଧ ଛାନଭିନ ହୋଇଥିଲା। ହେଲେ ସେଠାରୁ କିଛି ମିଳି ନଥିଲା। ଶିଶୁ ବଦଳ ନେଇ ମହିଳାଙ୍କ ଅଭିଯୋଗ ପରେ ଡିଏନଏ ପରୀକ୍ଷା ପାଇଁ ମଧ ପୁଲିସ ପ୍ରସ୍ତୁତ ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ, ପୁରୀ କୁମ୍ଭାରପଡା ଥାନା ଅଞ୍ଚଳର ରତନା ବେହେରାଙ୍କ ପତ୍ନୀ ଚନ୍ଦ୍ରମା ଶିଶୁ ବଦଳ ନେଇ ଅଭିଯୋଗ ଆଣିଛନ୍ତି। ଚନ୍ଦ୍ରମାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଜନ୍ମିତ ଝିଅକୁ ଲୁଚାଇ ତାଙ୍କ କୋଳକୁ ଅନ୍ୟ କାହାର ମୃତ ଶିଶୁ କନ୍ୟା ବଢ଼ାଇ ଦିଆଯାଇଥିଲା। ଏନେଇ ଉଭୟ ପତିପତ୍ନୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ।

**● ଟେରାକୋଟା ପ୍ରଦର୍ଶନୀ-୨୦୨୫**

## ୭୫ ଷ୍ଟଲ୍‌ରେ ପରିବେଶ ଅନୁକୂଳ ଉତ୍ପାଦ



କଟକ,୧୮ ।୨(ସମିସ): ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ -୨୦୨୫ କଟକ ଖ୍ରୀଷ୍ଟିଆନ ପଡିଆଠାରେ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆଜି ସନ୍ଧ୍ୟାରେ ପ୍ରଦର୍ଶନୀକୁ ଉଦଘାଟନ କରି ଟେରାକୋଟାରେ ଉପଲବ୍ଧ ସାମଗ୍ରୀ ସମ୍ପର୍କରେ ଜନସାଧାରଣ ଅବଗତ ହୋଇପାରିଲେ ଏହା ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିପାରିବ ଓ ପରିବେଶ ଅନୁକୂଳ ହୋଇପାରିବ ବୋଲି କହିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀରେ ମୋଟ ୭୫ଟି ଷ୍ଟଲ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଉତ୍ପାଦକ ଗୋଷ୍ଠୀ ଓ ବ୍ୟକ୍ତିବିଶେଷ ଏହି ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ପ୍ରଦର୍ଶନୀରେ ଖୁବ ଆକର୍ଷଣୀୟ ଟେରାକୋଟା ସାମଗ୍ରୀ ପ୍ରଦର୍ଶିତ ହେଉଛି। ଉଦଘାଟନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ଜେନା, ହସ୍ତଶିଳ୍ପ ବିକାଶ ଅଧିକାରୀ ସୁଶାନ୍ତ କୁମାର ସାମଲ, ତାପସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ହସ୍ତଶିଳ୍ପ ଅଧିକାରୀ ମାନସ ରଞ୍ଜନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀ ଟେରାକୋଟା କାରିଗରମାନଙ୍କୁ ବିଶେଷ ସହାୟତା ଯୋଗାଇବାରେ ସହାୟକ ହେବ। ପ୍ରଦର୍ଶନୀର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଟେରାକୋଟା ସାମଗ୍ରୀ କିଣିବା ପାଇଁ ଗ୍ରାହକଙ୍କ ଭିଡ ପ୍ରଥମ ଦିବସରୁ ଜମିଥିବା ଦେଖିବାକୁ ମିଳିଛି।













ଆରମ୍ଭ ହେଲା ଯୁକ୍ତ ୨ ପରୀକ୍ଷା

## ଶିଶୁ ସୁରକ୍ଷା ପାଇଁ ୪୦ 'ଆପଦା ମିତ୍ର'ଙ୍କୁ ତାଲିମ



**କଟକ,୧୮ ।୨(ସମିସ):** ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ତୃଣମୂଳସ୍ତରରେ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ଆପଦା ମିତ୍ର'ଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜିଲ୍ଲା ଜରୁରୀକାଳୀନ ବିଭାଗର ବିପିଓ ବାପି ବିଶ୍ୱଜିତ ସାହୁ ଏବଂ ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ପିଲାଙ୍କୁ ସୁରକ୍ଷା ଯୋଗାଇଦେବା, ଅସୁରକ୍ଷିତ ଅବସ୍ଥାରେ ଥିବା ଶିଶୁମାନଙ୍କୁ ଚିହ୍ନଟ, ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ତାଲିମ ପ୍ରଦାନ କରିଥିଲେ। ବିଭିନ୍ନ ବ୍ଲକରୁ ୪୦ଜଣ ଆପଦାମିତ୍ର ତାଲିମ ଗ୍ରହଣ କରିଥିଲେ। ତୃଣମୂଳସ୍ତରରେ ଥିବା ଶିଶୁମାନଙ୍କର ସୁରକ୍ଷା ଦିଗରେ କିପରି ଉତ୍ତରଦାୟୀ ବ୍ୟବସ୍ଥା ସମୂହ କାର୍ଯ୍ୟଶୀଳ ରହିବେ ସେ ଦିଗରେ ତାଲିମ ପ୍ରଦାନ କରାଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆୟୋଜନ ଓ ପରିଚାଳନା କରିଥିଲେ।

**ସିଏନ୍‌ବିଟିରେ କର୍ମଚାରୀ ଆନ୍ଦୋଳନ**

## ଦରମା ନ ପାଇବାରୁ କାର୍ଯ୍ୟବନ୍ଦ; ଯାତ୍ରୀ ହନ୍ତସନ୍ତ

କଟକ,୧୮ ।୨(ସମିସ)

ନେତାଜୀ ବସ୍ ଟର୍ମିନାଲ୍(ସିଏନବିଟି)ରେ କାର୍ଯ୍ୟରତ 'ବିଭିଜି'ନାମକ ସଂସ୍ଥାର ଠିକା କର୍ମଚାରୀ ଆଜି ସକାଳ ୬ଟାରୁ କାର୍ଯ୍ୟବନ୍ଦ ଡାକରା ଦେଇଥିଲେ। ଦୀର୍ଘ ୪ଘଣ୍ଟା ସମୟ ଧରି ଏଠାରେ ଉପଲବ୍ଧ ସମସ୍ତ ସେବା ବନ୍ଦ ହୋଇଯାଇଥିଲା। ଯାହାଫଳରେ ଅପେକ୍ଷାରତ ଶହ ଶହ ଯାତ୍ରୀ ହନ୍ତସନ୍ତ ହେବା ସହିତ ନିଜର ଅସନ୍ତୋଷ ବ୍ୟକ୍ତି କରିଥିଲେ। ତେବେ ଦେଢ଼ ମାସ ହେବ ସମ୍ପୃକ୍ତ କର୍ମଚାରୀ ଦରମା ନମିଳିବାରୁ ଶେଷରେ ଏହି କାର୍ଯ୍ୟବନ୍ଦ ଡକରା ଦେଇଥିଲେ। ବସ୍ ଟର୍ମିନାଲ ଭିତରେ ରହିଥିବା ହେଲ୍ପଡେସ୍କ ସମେତ ଶୌଚାଳୟ, ପ୍ରବେଶ ସ୍ଥାନ ଆଦି କୌଣସି ସ୍ଥାନରେ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଯାହାଫଳରେ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଗଡୁଥିବା ବସ୍ ସେବା ବାଧାପ୍ରାପ୍ତ ହୋଇଥିଲା।

ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ସମୀକ୍ଷାରେ ଆସୁଥିବା ଖବର ପାଇ କର୍ମଚାରୀମାନେ ତୁରନ୍ତ କାର୍ଯ୍ୟରେ ଯୋଗଦେଇଥିଲେ। ଯାହାକୁ ନେଇ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକଳାପ ପଦାରେ ପଡ଼ିଛି। ଏମିତିକି ଯାତ୍ରୀଙ୍କ ସମସ୍ୟା ଶୁଣିବାକୁ ମଧ ସେଠାରେ କୌଣସି କର୍ତ୍ତୃପକ୍ଷଙ୍କ ଦେଖା ଦେଇ ନଥିଲେ। ତେଣୁ ବିନା ସୂଚନାରେ ଯାତ୍ରୀ ସେବା ଦାୟିତ୍ୱରେ ଥିବା ଠିକା ସଂସ୍ଥାର ଏଭଳି କାର୍ଯ୍ୟକଳାପ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି କାର୍ଯ୍ୟବନ୍ଦ ସମ୍ପର୍କରେ ସିଡିଏ ଉପାଧକ୍ଷ ଅନାମ ଚରଣ ପାତ୍ର କହିଛନ୍ତି ଯେ, ସିଡିଏ ସିଏନ୍‌ବିଟିର ପରିଚାଳନା ଦାୟିତ୍ୱରେ ରହିଛି। କିନ୍ତୁ ଏହାର ଏଜେନ୍ସି ପରିଚାଳନା ଦାୟିତ୍ୱ ବିଡିଏ ଅଧିନରେ ରହିଛି। ସିଡିଏ ପକ୍ଷରୁ ଦରମା ଟଙ୍କା ପୈଠ କରାଯାଇଛି। କିନ୍ତୁ ବିଡିଏ ଦରମା ପ୍ରଦାନ କରିନଥିଲା। ଯାହାଫଳରେ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ଏଭଳି କାର୍ଯ୍ୟକଳାପ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖାଯିବ ବୋଲି ଉପାଧକ୍ଷ ଶ୍ରୀ ପାତ୍ର କହିଥିଲେ। ଅନ୍ୟପଟେ ଏଠାରୁ ଦୈନିକ ଶହ ଶହ ସଂଖ୍ୟକ ବସ୍ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛି। ଏହି ବସ୍ ଟର୍ମିନାଲ୍ ଉପରେ ହଜାର ହଜାର ଯାତ୍ରୀମାନେ ନିର୍ଭରଶୀଳ ରହିଛନ୍ତି। ତେବେ ଏହି ବସ୍ ଟର୍ମିନାଲ୍‌ରେ ଯାତ୍ରା ସେବା ପ୍ରଦାନ କରିବା ସହିତ ପରିଚାଳନା ପାଇଁ ସରକାରଙ୍କ ଦ୍ୱାରା 'ବିଭିଜି'ନାମକ ସଂସ୍ଥାକୁ ନିୟୋଜିତ କରାଯାଇଛି। ଉକ୍ତ ସଂସ୍ଥା ଦ୍ୱାରା ବିଭିନ୍ନ ସେବା ପାଇଁ ୩ଶହରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଗତ ଦେଢ ମାସ ହେବ ପାରିଶ୍ରମିକ ମିଳି ନ ଥିବା ନେଇ ଆଜି ସେମାନେ ନିଜକୁ କାର୍ଯ୍ୟରୁ ନିବୃତ୍ତ ରଖିଥିଲେ ବୋଲି ଜଣାପଡ଼ିଛି।









**ଲକ୍ଷାଧିକ ଟଙ୍କା ଓ ଅଳଙ୍କାର ଚୋରି ଘଟଣା**

# ଶାଢ଼ିରୁ ଧରାପଡ଼ିଲା ଚୋର

ନିଶ୍ଚିନ୍ତକୋଇଲି,୧୮।୨(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନ ବୁହାଲୋ-ଜମରା କେନାଲ ରାସ୍ତା ପାଶ୍ୱର୍ରେ ରହୁଥିବା କୋଣାର୍କ ଗଣନାଟ୍ୟର ନାୟିକା ନଳିନୀ ସ୍ୱାଇଁଙ୍କ ଘରୁ ଦେଢ ଲକ୍ଷ ଟଙ୍କା, ଦୁଇ ହଳ ସୁନା କାନଫୁଲ, ଏକ ହଳ ରୁପା ପାଉଁଜି, ୨୫ଖଣ୍ଡ ଦାମୀ ଶାଢି ଓ ଏକବସ୍ତା ସଉଦା ଓ ବିସ୍କୁଟ, ମିକ୍ସଚର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଦୈତାରୀ ପଣ୍ଡା ବାହା ହେଉଛି ନାଟକରେ ନାୟିକା ନଳିନୀ ପିନ୍ଧିଥିବା ଶାଢିରୁ ଉକ୍ତ ଚୋରକୁ ଧରାପକାଇଥିବାକୁ ନେଇ ସାଧାରଣରେ କୌତୁହଳ ସୃଷ୍ଟି କରିଛି। ଭଦ୍ରେଶ୍ୱର ଥାନା ଗୋତରା ପଞ୍ଚାୟତ କାଲୁରିଆ ଗ୍ରାମର ମୁନି ମଳିକ ତା' ଶଶୁର ଘର ବୁହଲୋ ଗ୍ରାମରେ ରହୁଥିଲା। ଗତ ଶନିବାର ବିଳମ୍ବିତ ରାତିରେ ଯାତ୍ରା କଳାକାର କେଳୁଚରଣ ସ୍ୱାଇଁ ଓ ନାୟିକା ନଳିନୀ ସ୍ୱାଇଁଙ୍କ ଘରେ କେହି ନ ଥିବା ବେଳେ ପାଚେରି ଡ଼େଇଁ ୪ଟି ତାଲା ଭାଙ୍ଗି ସମସ୍ତ ଜିନିଷପତ୍ର ଚୋରି କରି କଳାକନା ବୁଲାଇଥିଲା। ମଙ୍ଗଳବାର ସକାଳେ ସେମାନେ ଘରକୁ ଆସି ଚୋରି ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଚୋର ମୁନି ମଳିକ ତାର ପତ୍ନୀକୁ ଉକ୍ତ ଚୋରି ଶାଢ଼ି ପିନ୍ଧିବା ପାଇଁ ଦେଇଥିଲା। ଉକ୍ତ ଶାଢି ପିନ୍ଧିବା ପରେ ଏହି ଚୋରି ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ପରେ ନିଶ୍ଚିନ୍ତକୋଇଲି ଓ ଭଦ୍ରେଶ୍ୱର ଥାନା ପୁଲିସ ମୋବାଇଲ ଟ୍ରାକିଂ ଦ୍ୱାରା ମୁନିକୁ ଗୋଡ଼େଇ ଗୋଡ଼େଇ ଧରିଥିଲେ। ନିଶ୍ଚିନ୍ତକୋଇଲି ଥାନାକୁ ଆଣି ପୁଲିସ ପଚରାଉଚରା କରିବା ପରେ ସେ ସମସ୍ତ ଘଟଣାକୁ ସ୍ୱୀକାର କରିଥିଲା। ଏହାପରେ ପୁଲିସ ମୁନିକୁ ଘଟଣାସ୍ଥଳକୁ ନେଇ ଡେମୋ ପ୍ରଦର୍ଶନ କରି ତା ପାଖରୁ ନଗଦ ଟଙ୍କା ଓ ଜିନିଷପତ୍ର ଜବତ କରିଛି। ଏହି ଚୋରି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଥିବା ନେଇ ପୁଲିସ ସନ୍ଦେହରେ ମୁନିକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି।

**ଗୁମୁରୀ କାନ୍ଦୁଛି ଟୁକୁଲିପଡ଼ା**

# ମଦମୃତ୍ୟୁକୁ ବିତିଲା ୧୩ ବର୍ଷ; ମିଳିଲାନି କ୍ଷତିପୂରଣ

କଟକ,୧୮।୨(ସମିସ)

କଟକ ଟୁକୁଲିପଡା ମଦମୃତ୍ୟୁକୁ ଇତିମଧ୍ୟରେ ୧୩ ବର୍ଷ ପୂରିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳିପାରିନାହିଁ କିମ୍ବା ଥଇଥାନ କରାଯାଇନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ନିଜ ପ୍ରିୟଜନଙ୍କୁ ହରାଇ ବେସାହାରା ହୋଇ ରହିଛନ୍ତି କ୍ଷତିଗ୍ରସ୍ତ ପରିବାର। ତାଙ୍କୁ କ୍ଷତିପୂରଣ କେବେ ମିଳିବ ସେମାନେ ଅପେକ୍ଷା କରି ରହିଛନ୍ତି। ସେହି ମଦମୃତ୍ୟୁରେ ଅନେକ ପରିବାର ସେମାନଙ୍କର ପ୍ରିୟଜନଙ୍କୁ ହରାଇଥିଲା। କିଏ ବାପ ହରାଇଥିଲା ତ କିଏ ନିଜର ସ୍ୱାମୀ, ଭାଇ, ଭାଉଜ, ସ୍ତ୍ରୀ, ଭଉଣୀକୁ ହରାଇ ବସାଇଥିଲେ। ମଦମୃତ୍ୟୁ ଘଟଣା ସେ ସମୟରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। କଟକ ବଡ ମେଡିକାଲରେ ଗଦା ହୋଇଥିଲା କୁଢ କୁଢ ଶବ। ଏହି ଚୋରାମଦ ବେପାର କରୁଥିବା ବାଇଧର ଭୋଇ ସେହି ବିଷାକ୍ତ ମଦରେ ହିଁ ପ୍ରାଣ ହରାଇଥିଲା।

ସୂଚନାଯୋଗ୍ୟ କି, ୨୦୧୨ ମସିହା ଫେବୃଆରୀ ୬ ତାରିଖରେ କଟକ ସଦର ଥାନା ଅନ୍ତର୍ଗତ ଟୁକୁଲିପଡା ଓ ଏହି ଗ୍ରାମ ଠାରୁ ଅନତି ଦୂରରେ ଥିବା ଭିଙ୍ଗାରପୁର ଅଞ୍ଚଳରେ ଅପମିଶ୍ରିତ ଦେଶୀ ମଦ ପିଇ ସ୍ତ୍ରୀ ଓ ପୁରୁଷ ଲୋକ ମିଶି ୫୦ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସେ ସମୟରେ ତଦନ୍ତ କରୁଥିବା ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏସ.ନାଇଡୁଙ୍କ ଚୂଡ଼ାନ୍ତ ରିପୋର୍ଟରେ ଦୂଷିତ ଔଷଧ ଇପିକାର୍ମ ଓ ସିନାମନ ପ୍ରାଣନାଶକ ବୋଲି ଦର୍ଶାଇଥିଲେ। ମଦ ବ୍ୟବସାୟୀ




ବାଇଧର ଭୋଇ ବ୍ୟତିତ ପ୍ରତି ମୃତକ ପରିବାରକୁ ଦେଢ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କମିସନ ସୁପାରିସ କରିଥିଲେ। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ପରିବାରଙ୍କୁ କାଣିପଇସାଟାଏ ଦିଆଯାଇନାହିଁ। ସେହିପରି ଏ ସଂକ୍ରାନ୍ତରେ ଆଗତ ଏକ ମାମଲାର ବିଚାର କରି ଜାତୀୟ ମାନବାଧିକାର କମିସନ ମୃତକଙ୍କ ପରିବାରକୁ ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କୁ ୨୦୧୫ ମାର୍ଚ୍ଚ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ତ୍ତମାନ ସୁଧା ତାହାର କିଛି ଫଳ ମିଳିନାହିଁ। ଏହି ମଦମୃତ୍ୟୁରେ କଟକ ସଦର ଥାନା ଅଞ୍ଚଳର ୧୩ ଜଣ, ବାଲିଅନ୍ତା ଅଞ୍ଚଳର ୧୪ଜଣ ଏବଂ ଏହି ଦୁଇ ଅଞ୍ଚଳର ଇଟାଭାଟିରେ କାମ କରୁଥିବା ଗଞ୍ଜାମ ଓ ବଲାଙ୍ଗିର ଜିଲ୍ଲାର ୨୩ ଜଣଙ୍କର ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ସଦର ଥାନା ଅଞ୍ଚଳରେ ଛତୁ ଫୁଟିଲା ଭଳି ବିଦେଶୀ ମଦ ଦୋକାନ ଖୋଲିଥିବାବେଳେ ଅନେକ ଛକ ବଜାରର ପାନ ଦୋକାନ ମାନଙ୍କରେ ଚୋରାରେ ଖୁଲମଖୁଲା ବିକ୍ରି ଚାଲିଛି। ପୁଲିସ ସବୁ ଜାଣିଥିଲେ ସୁଧା ନ ଜାଣିଲା ଭଳି ନାମକୁ ମାତ୍ର ଚଢ଼ଉ କରୁଛି।

## ବୃଦ୍ଧାଶ୍ରମରେ ଜୟନ୍ତୀ ପାଳନ



ସାଲେପୁର,୧୮।୨(ସମିସ): ସାଲେପୁର ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ଏଲମାପୁରଠାରେ ଥିବା ଦୁଃଖୀଶ୍ୟାମ ବୃଦ୍ଧାଶ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ରାଜକିଶୋର ମିଶ୍ରଙ୍କ ୧୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ତଥା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ମନୋଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଜନ୍ମଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ବୃଦ୍ଧାଶ୍ରମର ଅନ୍ତେବାସୀମାନେ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ସ୍ୱର୍ଗତ ମିଶ୍ରଙ୍କ ଛାତ୍ର ଧ୍ରୁବାନନ୍ଦ ଶରଣ, ବୃଦ୍ଧାଶ୍ରମର ପରିଚାଳକ ଅଜୟ ଜେନା, ବିରଞ୍ଚିନାରାୟଣ କର ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀଙ୍କୁ ସକାଳ ଜଳଖିଆ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଇଥିଲେ। ଡ. ମିଶ୍ର ମିଡିଆ ମାଧ୍ୟମରେ ଏହି ବୃଦ୍ଧାଶ୍ରମକୁ ସହଯୋଗର ହାତ ବଢ଼ାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଚୌଦ୍ୱାର,୧୮।୨(ସମିସ): ଚୌଦ୍ୱାର ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଇତିହାସ ବିଭାଗ ମୁଖ୍ୟ ପ୍ରଧାପିକା କ୍ଷୀରାବ୍ଧୀ ଚୌଧୁରୀ ଯୋଗଦେଇ ବିପଦ ସମୟରେ ଛାତ୍ରୀମାନେ କିଭଳି ନିଜର ଆତ୍ମରକ୍ଷା କରିପାରିବେ ସେ ଦିଗରେ ଦୃଷ୍ଟିପାତ କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧାପିକା ହରପ୍ରିୟା ମହାପାତ୍ର ଆତ୍ମରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ। ଅଧ୍ୟାପିକା ବିସ୍ମିତା ସାହୁ ସଂଯୋଜନା କରିଥିବା ବେଳେ ଶ୍ରେୟସ୍ମିତା ବାରିକ ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ବେଲପଡ଼ିଆରେ ମାଗେ ପରବ କାର୍ଯ୍ୟକ୍ରମ



ଟାଙ୍ଗୀ,୧୮।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ବେଲପଡିଆ ଗ୍ରାମସ୍ଥ ମାରଙ୍ଗବୁରୁ ଠାରେ ଫାଲଗୁନ ମାସ ଉପଲକ୍ଷେ ମାଗେ ପରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଭବ୍ୟ ଆୟୋଜନରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର ବିଜେପି ସଂଗଠକ ହିମାଂଶୁ କୁମାର ମହାନ୍ତି ଯୋଗଦେଇ ଆଦିବାସୀ ସଂପ୍ରଦାୟ ହୋ ସମାଜର ସଂସ୍କୃତି ପରମ୍ପରା ଓ ସ୍ୱାଭିମାନର ପର୍ବ ହେଉଛି ମାଗେ ପରବ ବୋଲି ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ଜେମା ସର୍ଦ୍ଦାର, ପ୍ରାକ୍ତନ ସମିତିସଭ୍ୟ ଦେବାଶିଷ ମଲ୍ଲିକ, ପ୍ରମୋଦ ଜଟ, ଆକାଶ ପାତ୍ର, ମୂରଲୀଧର ମଲ୍ଲିକ, କୃଷ୍ଣ ଚାତାର, ଅମିତ ସିଂକୁ, ବିଜୟ ଲାଗୁରି, କୃଷ୍ଣଚନ୍ଦ୍ର ସାଣ୍ଡିଲ, ବଂଶିଧର ସ୍ୱାଇଁ, ଅନନ୍ତ ପାତ୍ରଙ୍କ ସମେତ ଶତାଧିକ ଆଦିବାସୀ ମହିଳା ପୁରୁଷ ଓ ଅଞ୍ଚଳବାସୀ ଯୋଗଦାନ କରିଥିଲେ।

## ଜମିବାଡ଼ିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ; ଜଣେ ଗୁରୁତର

ନିଶ୍ଚିନ୍ତକୋଇଲି,୧୮।୨(ସମିସ): କଟକ-ଚାନ୍ଦବାଲି ରାସ୍ତା ପାଶ୍ୱର୍ ରିଷୋ ମୌଜାର ଏକ ମୂଲ୍ୟବାନ ଜମି ଦଖଲକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗତ କିଛି ଦିନ ହେବ ବାଦବିବାଦ ଲାଗିରହିଛି। ସୋମବାର ବିଳମ୍ବିତ ରାତିରେ ନତକାଇ ପଞ୍ଚାୟତ ଏକରୁଖି ଗ୍ରାମର ଦେବାଶିଷ ଦ୍ୱିବେଦୀ ତାଙ୍କର ସାଙ୍ଗ ସେହି ଗ୍ରାମର ରଶ୍ମିରଞ୍ଜନ ଲେଙ୍କାଙ୍କୁ ସ୍କୁଟି ପଛରେ ବସାଇ ବାହାବଳପୁର ଛକରୁ ଘରକୁ ଫେରୁଥିଲେ। ଏହି ସମୟରେ ୪ଜଣ ଲୋକ ଦୁଇଟି ବାଇକରେ ପିଛା କରି ମହାଜନପୁର ଗ୍ରାମ ବାଜଣାହୁଡ଼ା ନିକଟରେ ତାଙ୍କୁ ଅଟକାଇ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ରଶ୍ମିରଞ୍ଜନଙ୍କ ମୁଣ୍ଡ ଏବଂ ଗାଲରେ ଧାରୁଆ ଅସ୍ତ୍ରର ଦୁଇଟି



ଚୋଟ ଲାଗିଥିବା ବେଳେ ଦେବାଶିଷଙ୍କର ଗୋଡ଼ ଏବଂ ହାତ ଆଙ୍ଗୁଠିରେ ଶକ୍ତ ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ବେଳେ ରଶ୍ମିରଞ୍ଜନଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଥିଲା। ସେ ବର୍ତ୍ତମାନ ଜଗତପୁରର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ଜମିକୁ ୪ଜଣ ଜବରଦଖଲ କରିବା ପାଇଁ ଦେବାଶିଷଙ୍କୁ ବାରମ୍ବାର ମାରିଦେବା ସହିତ ପରିବାରକୁ ଲୋପ କରିଦେବା ପାଇଁ ଧମକ ଦେଇ ଆସୁଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ଘଟଣାସ୍ଥଳ ଏବଂ ଦେବାଶିଷଙ୍କ ଦଖଲରେ ଥିବା ଉକ୍ତ ଜମିକୁ ଯାଇ ତଦନ୍ତ କରିଛି। ୨୪ ଘଣ୍ଟା ବିତିଯାଇଥିବା ଏବଂ ଅଭିଯୋଗ ଫର୍ଦ୍ଦରେ ଘଟଣା ଘଟାଇଥିବା ବ୍ୟକ୍ତିଙ୍କର ନାମ ଦର୍ଶାଯାଇଥିଲେ ମଧ୍ୟ ଅଦ୍ୟାବଧି ପୁଲିସ କାହାରିକୁ ଗିରଫ କରି ନ ଥିବା ଜଣାଯାଇଛି।

## ସୁବୋଧ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



କଣ୍ଠାପଡା,୧୮।୨(ସମିସ): ନାହାଳପୁର ପଞ୍ଚାୟତ ଗୁଣାଦୋଳ ଖେଳପଡ଼ିଆରେ ୮ଟି ଦଳକୁ ନେଇ ଚାଲିଥିବା ସୁବୋଧ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବରିମୁଣ୍ଡ କ୍ରିକେଟ ଟିମ୍ ଓ ଦକ୍ଷୀଣ ଉଷୁମା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୫ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷୀଣ ଉଷୁମା ଦଳ ପ୍ରଥମେ ବ୍ୟାଟିଂ କରି ୧୪୮ ରନ୍ କରିଥିଲା। ବରିମୁଣ୍ଡ ଦଳ ବିଜୟ ପାଇଁ ୧୪୯ ରନର ପିଛା କରି ମାତ୍ର ୧୧୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଗୋବିନ୍ଦପୁର ମଣ୍ଡଳ ବିଜେପି ସଭାପତି ଲଲାଟେନ୍ଦୁ ପାତ୍ର, ନାହାଳପୁର ସରପଞ୍ଚ ନିରୂପମା ଜେନା ଓ ସମିତିସଭ୍ୟ ପ୍ରିୟବ୍ରତ ବେଉରା ଅତିଥି ରୂପେ ଯୋଗଦେଇ ବିଜୟୀ ଦଳକୁ ୨୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

## କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଚୌଦ୍ୱାର,୧୮।୨(ସମିସ): ଚୌଦ୍ୱାର ପୌରପାଳିକା ୪ନଂ ୱାର୍ଡସ୍ଥିତ ଶ୍ରୀ ଶ୍ରୀ ରାହାସ ବିହାରୀଜୀୟୁ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୫ମ ବାର୍ଷିକ କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ସୌମ୍ୟ ରଞ୍ଜନ ସାହୁ ଓ ରାଜକିଶୋର ପରିଜା ଚାମ୍ପିଅନ ହୋଇଥିବା ବେଳେ ରାଜେଶ ସ୍ୱାଇଁ ଓ ରାଜକିଶୋର ବେହେରା ରନର୍ସଅପ୍ ହୋଇଥିଲେ। ସାମାଜିକକର୍ମୀ ଜ୍ୟୋତି ରଞ୍ଜନ ପରିଜା ଅତିଥି ଭାବେ ଯୋଗଦେଇ



ଚାମ୍ପିଅନ ଯୋଡିକୁ ୫ହଜାର ଟଙ୍କା ଅର୍ଥ ରାଶି ସହିତ ଚାମ୍ପିଅନ ଟ୍ରଫି ଓ ରନର୍ସ ଅପ୍ ଯୋଡିକୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

## ଠିକା ସଫେଇ କର୍ମଚାରୀଙ୍କ ଧାରଣା




ଚୌଦ୍ୱାର,୧୮।୨(ସମିସ): ଚୌଦ୍ୱାର ପୌରପାଳିକାରେ ଠିକା ସଫେଇ କର୍ମଚାରୀ ଭାବେ କାର୍ଯ୍ୟରତ ମେହେନ୍ତର ସଂଘ ପକ୍ଷରୁ ୯ ଦାବିରେ ପୌର କାର୍ଯ୍ୟାଳୟରେ ଧାରଣା ଦିଆଯାଇଛି। ସଂଘର ସଦସ୍ୟ ସଦସ୍ୟାମାନେ ମଙ୍ଗଳବାର ଦିନ ଶୋଭାଯାତ୍ରାରେ ଯାଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ୯ ଦଫା ମୌଳିକ ଦାବି ନେଇ ଧାରଣାରେ ବସିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଗତ ଜାନୁୟାରୀ ମାସରେ ଏହି ଦାବି ଗୁଡ଼ିକ ସମ୍ପର୍କରେ ସଂଘ ତରଫରୁ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲେ ହେଁ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସଫେଇ କର୍ମଚାରୀମାନେ ବାଧ୍ୟ ହୋଇ ଧାରଣାରେ ବସିଥିବା ଆନ୍ଦୋଳନକାରୀମାନେ ପ୍ରକାଶ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ ପୌରପାଳିକାରେ ସଫେଇ ଦାୟିତ୍ୱରେ ଥିବା ଠିକାଦାର ସେମାନଙ୍କୁ ସେମାନଙ୍କର ମୌଳିକ ସୁବିଧା ସୁଯୋଗ ଯଥା ଆଞ୍ଚଳିକ ଭିତ୍ତିରେ ନିଯୁକ୍ତି ସହିତ ସମସ୍ତ ଆଇନଗତ ସୁବିଧା ସୁଯୋଗ ପୂରଣ କରିବାରେ ଅବହେଳା କରୁଛି। ଏ ବାବଦରେ ଅଭିଯୋଗ କଲେ ସେମାନଙ୍କ କଥା କେହି ଶୁଣୁ ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଯଦି ଦାବି ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଫେଇ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

## ପୂର୍ବତନ ଗ୍ରାମ୍ୟକମିଟି ସଭାପତିଙ୍କ ସ୍ମୃତିସଭା



କଟକ,୧୮।୨(ସମିସ): କଟକ ମହାନଗର ନିଗମ ୫୭ ନମ୍ବର ୱାର୍ଡ ଅନ୍ତର୍ଗତ ବାଲିକୁଦା ଗ୍ରାମର ପୂର୍ବତନ ସଭାପତି ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବିପିନୀ ବେହେରାଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଙ୍ଗତ ବେହେରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ତାଙ୍କର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପାର୍ଥନା କରାଯାଇଥିଲା। ଆଞ୍ଚଳିକ ଶାନ୍ତି କମିଟି ସଂଗଠନ ସମ୍ପାଦକ ଅନିଲ କୁମାର ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ବିଶିଷ୍ଟ ସମବାୟବିତ୍ ମହେନ୍ଦ୍ର ନାୟକ, ରାଜ୍ୟ ବିଜେଡି ମହିଳା ସମ୍ପାଦିକା ରାଜକୁମାରୀ ସ୍ୱାଇଁ, ପୂର୍ବତନ କର୍ପୋରେଟର ସଞ୍ଜୟ ବରାଳ, ହୃଷିକେଶ ପ୍ରଧାନ, ବିଜେଡି ନେତା ପ୍ରମୋଦ ମହାପାତ୍ର, ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ପ୍ରମୋଦ ସ୍ୱାଇଁ, ବାଦଲ ଜେନା, ବାଲିକୁଦା ଗ୍ରାମ୍ୟ କମିଟି ସଭାପତି ସନ୍ଦୀପ ବେଉରା, ପ୍ରଭାତ ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ସାହୁ, ରାଜେଶ ସ୍ୱାଇଁ, ଉମାକାନ୍ତ ମାଝୀ, ଗୋଲଖ ଚନ୍ଦ୍ର ମାଝି, ମଙ୍ଗରାଜ ବେହେରା, ବଳରାମ ବେହେରା, ପ୍ରତାପ ବେହେରା, ସନ୍ତୋଷ ବେହେରା, ସୌର୍ଯ୍ୟ କୁମାର ସାହୁ, ରମାକାନ୍ତ ବେହେରା, ସୁବାସ ବେହେରା, ଜଗନ୍ନାଥ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁଅ ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା, ଦୁଷ୍ମନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ।

# ଖୋଲିଲା ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତାଲା

ଭଦ୍ରେଶ୍ୱର,୧୮।୨(ସମିସ

ମାହାଙ୍ଗା ବ୍ଲକ ଖଦୋଳ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା ତାଲା ଝୁଲି ରହିଥିଲା। କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ନାମକୁ ମାତ୍ର ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଥିଲା। କାର୍ଯ୍ୟାଳୟକୁ ଯନ୍ତ୍ରୀ ଆସୁ ନ ଥିବା ବେଳେ କାର୍ଯ୍ୟାଳୟର କାଗଜପତ୍ର ଧରି ଆବାସିକ କ୍ଷେତ୍ରରେ ଯନ୍ତ୍ରୀ ଜଣକ ଚଳାଉଥିଲେ ନିଜର ଦପ୍ତର । ଏହି ଆବାସିକ କ୍ଷେତ୍ରକୁ ସାଧାରଣ ଜନତା କିମ୍ବା ସାମ୍ବାଦିକ ଗଲେ ନିଜ ବ୍ୟକ୍ତିଗତ ସ୍ଥାନ କହି ଘଉଡାଇ ଦେଉଥିଲେ ଯନ୍ତ୍ରୀ। ଅପରପକ୍ଷେ ଏହି ଆବାସିକ କ୍ଷେତ୍ରରେ ଯନ୍ତ୍ରୀ ଜଣକ



ସମସ୍ତ ସରକାରୀ ନୀତି ନିୟମକୁ ଜଳାଞ୍ଜଳି ଦେଇଥିଲେ। ଯାହାକୁ ନେଇ ଏକ ତଥ୍ୟ ଭିତ୍ତିକ ଓ ଅନୁସନ୍ଧାନ ମୂଳକ ଖବର ଦୈନିକ 'ସକାଳ' ଖବରକାଗଜରେ ପ୍ରକାଶିତ ହୋଇଥିଲା। ଏହି ଖବରର ପ୍ରଭାବରେ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରୁ ତାଲା ଖୋଲା ହୋଇଥିବା ଦେଖିବାକୁ ମିଳିଛି। ତେବେ କାର୍ଯ୍ୟାଳୟ ସମ୍ମୁଖରୁ ତାଲା ଖୋଲା ଯାଇଥିଲେ ମଧ୍ୟ ସରକାରୀ ନୀତି ନିୟମରେ କାର୍ଯ୍ୟାଳୟ ଚାଲୁ ହୋଇନାହିଁ। ଧର୍ମକୁ ଆଖିଠାର ମାରିବା ପରି କାର୍ଯ୍ୟାଳୟ ସମ୍ମୁଖ ଗ୍ରୀଲ୍‌ରୁ କେବଳ ତାଲା ଖୋଲି ନିଜ ଦୋଷ ଛଡାଇ ଦେଇଛନ୍ତି ଯନ୍ତ୍ରୀ।

**'ସକାଳ'ର ପ୍ରଭାବ**

ତେବେ ଦେଖିବାକୁ ବାକି ରହିଲା କାର୍ଯ୍ୟାଳୟରେ ବସି କେବେ କାର୍ଯ୍ୟ କରୁଛନ୍ତି ଯନ୍ତ୍ରୀ ନା ଦୋଷ ଛଡାଇବା ପାଇଁ କାର୍ଯ୍ୟାଳୟର ତାଲାକୁ ଖୋଲି ପୂର୍ବ ଭଳି ଆବାସିକ କ୍ଷେତ୍ରରେ ଚଳାଉଛନ୍ତି ଦପ୍ତର।

## ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

ଚୌଦ୍ୱାର/ମଙ୍ଗୁଳି,୧୮।୨ (ସମିସ): ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ଅନ୍ତର୍ଗତ ଆଗ୍ରାହାଟ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ତଥା ବିଶିଷ୍ଟ ସମାଜସେବୀ ବ୍ରହ୍ମାନନ୍ଦ ବେହେରାଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ବ୍ରହ୍ମାନନ୍ଦ ପୂର୍ବତନ ସରପଞ୍ଚ ବାବୁଲି ବେହେରାଙ୍କ ସାନଭାଇ ହୋଇଥିବା ବେଳେ ବିଜେଡି ଦଳର ଜଣେ ଆଗଧାଡ଼ିର କର୍ମୀ ଭାବେ ସେ ପରିଚିତ ଥିଲେ।

ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବା ବେଳେ ଆଜି ଭୋର ସମୟରେ ତାଙ୍କର ଦେହ ଅସୁସ୍ଥ ହେବାରୁ ତାଙ୍କୁ କଟକର ଏକ ଘରୋଇ ନର୍ସିଂହୋମ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ମେଡ଼ିକାଲରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ମରଶରୀର ସହ ସ୍ୱର୍ଗତ ବେହେରାଙ୍କ ଜନ୍ମଭୂମି ଆଗ୍ରାହାଟ ଗ୍ରାମକୁ ଆସି ଶବ ସଂସ୍କାରରେ ସାମିଲ ହୋଇଥିଲେ। ସ୍ୱର୍ଗତ ବେହେରାଙ୍କ ଶେଷ ଦର୍ଶନ ପାଇଁ ବହୁ ମାଣ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବହୁ ନେତୃମଣ୍ଡଳୀ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଏକ ବିରାଟ ଶୋଭଯାତ୍ରାରେ ତାଙ୍କର ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ଆଗ୍ରାହାଟ ସ୍ଥିତ ବାଲିବର ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କ ପୁତୁରା ବିଶ୍ୱରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ।

# ଟାଟା ପାୱାର ମନମାନୀ ବିରୋଧରେ ଅସନ୍ତୋଷ

**● ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ**



**ନେମାଳ, ୧୮।୨(ସମିସ):** କିଛିଦିନ ହେବ ନିଶ୍ଚିନ୍ତକୋଇଲି ବ୍ଲକ ଓରିକଣ୍ଟା ବିଦ୍ୟୁତ ବିଭାଗ ଅଧୀନରେ ଗ୍ରାହକଙ୍କୁ ବିଦ୍ୟୁତ ସେବା ଯୋଗାଇଦେବା ପାଇଁ ଟାଟା ପାୱାର କମ୍ପାନୀ ମନମାନୀ କରୁଥିବାବେଳେ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ନେଇ କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନୃସିଂହ ଚରଣ ମୁଦୁଲି ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଟାଟା ପାୱାର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ରାସ୍ତାରୋକ ଠାରୁ ଆରମ୍ଭ କରି ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଟାଟା ପାୱାର କମ୍ପାନୀ ମନମୁଖୀ ଭାବରେ ନଦୀବନ୍ଧ ପାର୍ଶ୍ୱରେ ଉଚ୍ଚକ୍ଷମତା ସମ୍ପନ୍ନ ତାର ଟାଣିବା ପାଇଁ ଖୁଣ୍ଟ ମାନ ପକାଉଥିବାବେଳେ କେତେକ ଦେବାଳୟ ଓ ବ୍ୟକ୍ତିଗତ ଜାଗାରେ ଖୁଣ୍ଟ ପକାଇ ବିଦ୍ୟୁତ ନେବା ପାଇଁ ଯୋଜନା ଚଳାଇଛନ୍ତି। ଏହାକୁ ବାରଣ କଲେ ମଧ୍ୟ ବିଭାଗୀୟ ଅଧିକାରୀ ସେଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ତାହାକୁ ନେଇ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି। କେନ୍ଦୁପାଟଣାଠାରୁ ତିନିମୁହାଣୀ ଦେଇ ନଗସପୁର ପଞ୍ଚାୟତ ବିଲିପାଳଦାଠାରେ ନୂତନ ଗ୍ରୀଡ଼କୁ ଏହି ଶକ୍ତିସମ୍ପନ୍ନ ବିଦ୍ୟୁତ ସଂଯୋଗ ପାଇଁ ଯୋଜନା କରାଯାଉଥିବାବେଳେ ନଦୀବନ୍ଧ ପାର୍ଶ୍ୱମାନଙ୍କରେ ପଡ଼ିଥିବା ଏହି ଖୁଣ୍ଟକୁ ନେଇ ଆଗାମୀ ଦିନରେ ବହୁ ଅଘଟଣର ଆଶଙ୍କା ଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ଦୂର ହେଉନି ରାସନ୍ କାର୍ଡ୍ ଦ୍ୱନ୍ଦ୍ୱ

**● ବ୍ୟାଙ୍କ ଋଣ ପାଇଁ ଆୟକର ପଇଠ କରିଥିବା ମଧ୍ୟବିତ୍ତ ହିତାଧିକାରୀ ଚିନ୍ତାରେ**

**● ପୋର୍ଟାଲରେ ନୂତନ କାର୍ଡ ଆବେଦନ ଦୀର୍ଘ ମାସ ଧରି ବନ୍ଦ**

**କଟକ, ୧୮।୨(ସମିସ)**

ରାଜ୍ୟରେ ରାସନ କାର୍ଡକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହେଉନାହିଁ। ଗୋଟିଏ ପଟରେ ବିନା ସମୀକ୍ଷାରେ ରାଜ୍ୟ ସରକାର ଗ୍ରହଣ କରିଥିବା ଆଭିମୁଖ୍ୟ ପାଇଁ ଅନେକ ଯୋଗ୍ୟ ହିତାଧିକାରୀ ରାସନ କାର୍ଡରୁ ବାଦ୍ ପଡ଼ିବା ସମ୍ଭାବନା ଦେଖାଦେଇଛି। ଘରଟିଏ କରିବା ପାଇଁ ହେଉ କିମ୍ବା ଛୋଟ ବ୍ୟବସାୟଟିଏ କରିବା ପାଇଁ ଆବଶ୍ୟକ ବ୍ୟାଙ୍କ ଋଣ ପାଇଁ ମଧ୍ୟବିତ ଲୋକଙ୍କୁ ଆୟକର ପଇଠ କରିବାକୁ କୁହାଯାଇଥାଏ। ଆୟକର ପଇଠ କଲେ ସହଜରେ ବ୍ୟାଙ୍କ ଋଣ ମିଳିଯାଇଥାଏ। ଏଣୁ ଆବଶ୍ୟକତା ପାଇଁ ଏଭଳି ଦସ୍ତାବିଜ ପ୍ରସ୍ତୁତ କରି ଋଣ କରିଥିବା ଗରିବ ମଧ୍ୟବିତ୍ତ ଲୋକଙ୍କ ନାମ ରାସନ କାର୍ଡ ପାଇଁ ଜାରି ଅଯୋଗ୍ୟ ତାଲିକାରେ ସ୍ଥାନ ପାଇଛି। ଏପରିକି କାର୍ଡ ନ ଫେରାଇଲେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଭୟ ଦେଖାଯାଉଥିବାରୁ ବିଗତ କିଛି ଦିନ ହେବ ଏଭଳି ଯୋଗ୍ୟ ହିତାଧିକାରୀ ବି ଆର୍ଥିକ ଦୃଷ୍ଟିକୋଣରୁ ସ୍ୱଚ୍ଛଳ ହୋଇ ନ ଥିଲେ ମଧ୍ୟ ସେମାନଙ୍କୁ କାର୍ଡ ଫେରାଇବାକୁ ପଡୁଛି। ଏହାକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟରେ ଏହି ପ୍ରସଙ୍ଗରେ ସମୀକ୍ଷା କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ କହୁଥିବା ବେଳେ ଅନ୍ୟପଟରେ କାର୍ଡ ଫେରସ୍ତ ପାଇଁ ଚେତାବନୀ ଦିଆଯିବା କେତେଦୂର ଯୁକ୍ତିଯୁକ୍ତ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ସାରା ରାଜ୍ୟରେ ୭ ଲକ୍ଷରୁ ଅଧିକ ଲୋକ ନୂତନ ରାସନ କାର୍ଡ ପାଇଁ ଆବେଦନ କରିଥିଲେ ସୁଦ୍ଧା ଏହା ଏପର୍ଯ୍ୟନ୍ତ ମଞ୍ଜୁର ହୋଇପାରିନାହିଁ। ସାଧାରଣତଃ ରାସନକାର୍ଡରେ ପରିବାରର ସଦସ୍ୟଙ୍କ ସଂଖ୍ୟା ଯୋଗ ପାଇଁ ଆବେଦନ ପ୍ରକ୍ରିୟାକୁ ଉଦ୍ଦିଷ୍ଟ ପୋର୍ଟାଲରେ ମଧ୍ୟ ମାସାଧିକ ସମୟ ଧରି ବନ୍ଦ କରିଦିଆଯାଇଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରାସନ କାର୍ଡ ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ତେବେ ସରକାର ୬ଥର ଇ-କେୱାଇସି ପାଇଁ ସମୟସୀମା ବୃଦ୍ଧି କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହୋଇପାରିନାହିଁ। ରିଟେଲର ଡିଲର ଆସୋସିଏସନର ସଭାପତି ସୟଦ ଏକାମ୍ର ହୁସେନଙ୍କ କହିବାନୁସାରେ, ଇ-କେୱାଇସି ସଠିକ ଢଙ୍ଗରେ କିମ୍ବା ତ୍ୱରିତ ନ ହେବା କାରଣ ସମୀକ୍ଷା ନ କରି ଏହାର କେବଳ ଅବଧି ବଢ଼ାଇ ଚାଲିଲେ କିଛି ସୁଫଳ ମିଳିବ ନାହିଁ ବୋଲି ଶ୍ରୀ ହୁସେନ କହିଛନ୍ତି। ଏବେ ବି ୩ କୋଟି ୩୬ ଲକ୍ଷରୁ ୩୨ ଲକ୍ଷ ଲୋକଙ୍କ ଇ-କେୱାଇସି ହୋଇପାରିନାହିଁ। ଯଦି ଇ-କେୱାଇସି ୯୦ପ୍ରତିଶତରେ ପହଞ୍ଚି ପାରିଛି ତେବେ ସରକାର ଯେଉଁ ବୋଗସ ବା ଭୂତ କାର୍ଡ କଥା କହୁଥିଲେ ତାହା କିଭଳି ପ୍ରମାଣିତ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଖୁଚୁରା ବିକ୍ରେତାଙ୍କ ନିକଟରେ ଇ-କେୱାଇସି ସଠିକ ଢଙ୍ଗରେ ସମ୍ପାଦନ ହୋଇପାରୁନାହିଁ। ଏପରିକି ରିଟେଲର କେନ୍ଦ୍ରକୁ ମଧ୍ୟ ଅନେକ ଆସିବାକୁ ଅମଙ୍ଗ ହେଉଛନ୍ତି। ବାରମ୍ବାର ସର୍ଭର ଡାଉନ ପାଇଁ ଡିଲର ପଏଣ୍ଟକୁ ଇ-କେୱାଇସି ଅପଡେଟ ପାଇଁ ଆସିଥିବା ହିତାଧିକାରୀ ବହୁବାର ନିରାଶରେ ଫେରିବାକୁ ପଡୁଛି। ଏ ସବୁର ସମୀକ୍ଷା ନ କରି ବାରମ୍ବାର ସମୟ ବୃଦ୍ଧି ଯୁକ୍ତିଯୁକ୍ତ ନୁହେଁ ବୋଲି ବୋଲି ଶ୍ରୀ ହୁସେନ କହିଛନ୍ତି। ଏସବୁ ଭିତରେ ଅବଶ୍ୟ ସାଧାରଣ ଖାଉଟି ଏ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି।

## ନାବାଳିକା ଛାତ୍ରୀଙ୍କୁ ଅପହରଣ; ଯୁବକ ଗିରଫ

**ମାହାଙ୍ଗା, ୧୮।୨(ସମିସ):** ମାହାଙ୍ଗା ଥାନା କୁମୁଡ଼ା ଜୟପୁର ଫାଣ୍ଡି ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇ ଦୁଇ ଦୁଇ ଥର ଅପହରଣ କରିବା ଓ ପରେ ସମ୍ପୃକ୍ତ ନାବାଳିକା ଛାତ୍ରୀଙ୍କୁ ବିବାହ କରିବା ଅଭିଯୋଗରେ ମାହାଙ୍ଗା ପୁଲିସ ପ୍ରଭାକର ପୃଷ୍ଟିଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ଘର କୁହୁଣ୍ଡା ଗ୍ରାମରେ ହୋଇଥିବାବେଳେ ନାବାଳିକାଙ୍କୁ ଗତମାସରେ ଘରୁ ଅପହରଣ କରି ନେଇଥିଲା। ପରେ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା ବେଳେ ଅପହରକାରୀ ଯୁବକ ଫେରାର ହୋଇଯାଇଥିଲା। ଅଭିଯୁକ୍ତ ପ୍ରଭାକର ଛାତ୍ରୀଙ୍କୁ ତାଙ୍କ ଘରୁ ପୁଣି ଅପହରଣ କରି ନେଇ ସାଲେପୁର ଅଞ୍ଚଳରେ ରଖି ବିବାହ କରିଥିଲା। ପୁଲିସ ପୁଣି ଘଟଣାର ତଦନ୍ତ କରି ଉଭୟଙ୍କୁ ସାଲେପୁର ପାଟପୁର ଅଞ୍ଚଳରୁ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା କରିଥିଲା। ଅଭିଯୁକ୍ତ ଯୁବକକୁ ପୋକ୍ସୋ ଦଫାରେ ଏକ ମାମଲା ରୁଜୁ କରି ପୁଲିସ କୋର୍ଟ ଚାଲାଣ କରିଛି।

## ଗୋପୀନାଥପୁର ସ୍କୁଲର ନୂତନ ପରିଚାଳନା ସମିତି

**ନିଶ୍ଚିନ୍ତକୋଇଲି, ୧୮।୨(ସମିସ):** ସରପଡ଼ା ପଞ୍ଚାୟତସ୍ଥିତ ଗୋପୀନାଥପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ନୂତନ ପରିଚାଳନା ସମିତି ଗଠନ କରାଯାଇଛି। ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଏଥିରେ ପର୍ଯ୍ୟବେକ୍ଷକ ଭାବେ ବୋଧଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁତଲତା ବେହେରା, ସିଆରସିସି ୱାଜିଦ୍ ମହମ୍ମଦ, ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ପ୍ରଥମେ ପିଟିଏ ଗଠନ କରାଯାଇଥିଲା। ଏହାପରେ ସମିତିର ସଭାପତି ପଦ ପାଇଁ ଭୋଟ ଗ୍ରହଣ କରାଯାଇଥିଲା ବେଳେ ଦ୍ୱିତୀୟ ଥର ପାଇଁ କ୍ଷୀରୋଦଚନ୍ଦ୍ର ପାତ୍ର ନିର୍ବାଚିତ ହୋଇଥିଲେ। ଏହି ସମିତିର ଉପସଭାପତି ଭାବେ ସୋନାଲି ରାଉତ ଓ ସଭ୍ୟସଭ୍ୟା ଭାବେ ପ୍ରଭାସିନୀ ଦାସ, ଗରୁଡ଼ ପଣ୍ଡା, ପୁଷ୍ପା ଭୋଇ, ବିପିନ ଭୋଇ, ଯୋଗେଶ୍ୱର ମହାପାତ୍ର, ଦେବରାଜ ଦାସ, ସୁଭଦ୍ରା ବେହେରା, ଲକ୍ଷ୍ମୀପ୍ରିୟା ଦାସ, ସ୍ୱର୍ଣ୍ଣଲତା ଦାସ, ଅଶୋକ ସେଠୀ ମନୋନୀତ ହୋଇଛନ୍ତି। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ, ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସାକେରା ସରୱାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଚୌଦ୍ୱାର, ୧୮।୨(ସମିସ):** ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚଳିତ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମାନସ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓମ୍ ଷ୍ଟଡ଼ି ସେଣ୍ଟରର ଅଧ୍ୟକ୍ଷ ବିରଜା ପ୍ରସାଦ ନାୟକ ଅତିଥି ଭାବେ ଛାତ୍ରଛାତ୍ରୀମାନେ ଚାପମୁକ୍ତ ହୋଇ ପରୀକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ହରେକୃଷ୍ଣ ସାହୁ, ବିଜୟ ସ୍ୱାଇଁ, ଦିପ୍ତିମୟୀ ବେହେରା, ସ୍ୱପ୍ନା ପ୍ରିୟଦର୍ଶିନୀଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ବିଦାୟୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ପରିଚାଳକ ରାଜେଶ କୁମାର ଓଝା ଧନ୍ୟବାଦ ଦେଇଥିଲେ।

## କୃମି ଔଷଧ ବଣ୍ଟନ



**ଟାଙ୍ଗୀ, ୧୮।୨(ସମିସ):** ଟାଙ୍ଗୀଚୌଦ୍ୱାର ବ୍ଲକ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କୃମି ଔଷଧ ବଣ୍ଟନ କରାଯାଇଛି। ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଆଶା ଓ ଅଙ୍ଗନବାଡ଼ି କର୍ମୀ ୧୪୦ ଜଣ ଛାତ୍ରଛାତ୍ରୀଙ୍କୁ କୃମି ଔଷଧ ବଣ୍ଟନ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମାରାଥନ୍ ଶିଳାନ୍ୟାସ ଓ ସାଧାରଣ ସଭା



**ମାହାଙ୍ଗା, ୧୮।୨(ସମିସ):** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ଅଞ୍ଚଳ ଗସ୍ତ କରି ଚାରୋଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପ୍ରଥମେ ହଳଦିଆ ପଞ୍ଚାୟତ ଗସ୍ତ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓଲକଣା ଠାରେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହର ଶୁଭ ଶିଳାନ୍ୟାସ କରିଥିଲେ। ପରେ ଏହି ପଞ୍ଚାୟତର ଲକ୍ଷ୍ମୀ ନାରାୟଣପୁର ଛକ ଠାରେ ଓଡ଼ିଶା ସରକାର ଜଳସମ୍ପଦ ବିଭାଗ ୮ ନମ୍ବର କେ -କେନାଲ ବାମପାର୍ଶ୍ୱ କେନାଲ ବନ୍ଧ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ। ପରେ ଲଳିତଗିରି ପଞ୍ଚାୟତ ଗସ୍ତ କରି ମାଣିତ୍ରିଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶୁଭ ଶିଳାନ୍ୟାସ କରିଥିଲେ। ପରେ ପାଇକରାପୁର ପଞ୍ଚାୟତ ଗସ୍ତ କରି ପାଇକରାପୁର ଠାରେ ଆଉ ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ କରିଥିଲେ। ଶେଷରେ ପାଇକରାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭାରେ ଯୋଗଦେଇ ପୂର୍ବତନ ସମିତିସଭ୍ୟ ନିର୍ମଳ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମାହାଙ୍ଗା ବିଧାୟକ ଏହି ଚାରୋଟି ପ୍ରକଳ୍ପ ଦ୍ୱାରା ତିନୋଟି ପଞ୍ଚାୟତର ଜନସାଧାରଣ ଉପକୃତ ହେବେ ବୋଲି କହିଥିଲେ।

## ୨୨ ଗାଦି ଦୋଳମେଳଣ ପ୍ରସ୍ତୁତି ବୈଠକ



**ଫୁଲନଖରା, ୧୮।୨(ସମିସ):** ବାରଙ୍ଗ ବ୍ଲକ ଖଲର୍ଦ୍ଦାସ୍ଥିତ ଶ୍ରୀଶ୍ରୀ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ୨୨ଗାଦି ସର୍ବାଧିକାରୀ ପର୍ଶୁରାମ ସେନାପତିଙ୍କ ସଭାପତିତ୍ୱରେ ଚଳିତ ବର୍ଷ ଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୨ ଗାଦିର ସର୍ବମହନ୍ତ ଶରତଚନ୍ଦ୍ର ପରିଡ଼ାଙ୍କ ସମେତ ସମସ୍ତ ଗାଦୀର ମହନ୍ତ, ଅଧିକାରୀମାନେ ଉପସ୍ଥିତ ରହି ଅଞ୍ଚଳରେ ଅନୁଷ୍ଠିତ ମେଳଣ ଗୁଡିକରେ ପାରମ୍ପରିକ ସଂକୀର୍ତ୍ତନ କିଭଳି ହୋଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମେଳଣର ଶୋଭାବୃଦ୍ଧି କରୁଥିବା ସଂକୀର୍ତ୍ତନକୁ ସରସ ସୁନ୍ଦର କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାନୀୟ ଗ୍ରାମର ଅକ୍ଷୟ କୁମାର ମୂଳିଆ, ଦେବରଞ୍ଜନ ବୈଠାଲୁ, ନରେଶଚନ୍ଦ୍ର ମୂଳିଆ, ଗୁରୁଚରଣ ସ୍ୱାଇଁ ଓ ହୃଦାନନ୍ଦ ଜେନାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ଦଳର ଫାଇଲେରିଆ ନିରାକରଣ ଅଭିଯାନ ସମୀକ୍ଷା

**ଆଠଗଡ଼, ୧୮।୨(ସମିସ):** ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ହେଉଥିବା ଫାଇଲେରିଆ ବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ଉଭୟ କେନ୍ଦ୍ର ଓ ରାଜ୍ୟର ମିଳିତ ଦଳ ପରିଦର୍ଶନ କରିବା ସହ ଫାଇଲେରିଆ ନିରାକରଣ ଅଭିଯାନକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିଆଯାଇଥିବା ପଦକ୍ଷେପର ପ୍ରଶଂସା କରିଛନ୍ତି। କେନ୍ଦ୍ରୀୟ ଦଳର ମୁଖ୍ୟ ଡ. ବଦ୍ରି ଥାପ୍ପା ସମୀକ୍ଷା କରିବା ପରେ କନ୍ତୋଲର ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହିତ କନ୍ତୋଲସ୍ଥିତ ମଙ୍ଗଳାମନ୍ଦିର ପରିସରରେ ଏକ ସଚେତନତା ଓ ଔଷଧ ସେବନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡ. ଶ୍ୟାମବନ୍ଧୁ ରଥ, ଡ. ଦୀପକ କର, ଡ. ସୁବ୍ରତ ପଣ୍ଡା, ଡ. ସୁଧାଂଶୁ ଦାସ, ଡ. ପ୍ରଭାକର ସାହୁ, ଡ. ରଞ୍ଜନ ସିଂ ସଂଯୋଜକ ଦୀପକ ସାହୁ, ତୃପ୍ତିରାଣୀ ନାୟକ, ମନ୍ଦାକିନୀ ବେହେରା ପ୍ରମୁଖ କିପରି ସମସ୍ତ ଔଷଧ ସେବନ କରିପାରିବେ ଲୋକଙ୍କୁ ଅବଗତ କରାଇଥିଲେ।



## ପୂର୍ବତନ ମନ୍ତ୍ରୀ କାଳନ୍ଦୀ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ



**ନେମାଳ, ୧୮।୨(ସମିସ):** ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ମନ୍ତ୍ରୀ ଅଧ୍ୟାପକ ସ୍ୱର୍ଗତ କାଳନ୍ଦୀ ବେହେରାଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଆଜି ପାଳିତ ହୋଇଯାଇଛି। ନେମାଳ ଅଚ୍ୟୁତାନନ୍ଦ ସେତୁ ନିକଟରେ ଥିବା ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ସମାଜସେବୀ ନୃସିଂହ ଚରଣ ମୁଦୁଲିଙ୍କ ନେତୃତ୍ୱରେ ଶିକ୍ଷାବିତ ଭୈରବଚନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଭ୍ୟ ଇଂ ବିଳାସ ଭୋଇ, ଅମୂଲ୍ୟ ମହାନ୍ତି, ବବି ସିଂ, ରମେଶ ମହାପାତ୍ର, ଅଟଳ ମହାପାତ୍ର, ମୁରଲୀଧର ଦାସ, ବଳଦେବାନନ୍ଦ ଦାସ, ଶରତ ସାମଲ, ରତିକାନ୍ତ ଭୂୟାଁ, ଭ୍ରମରବର ମହାନ୍ତି, ନିରଞ୍ଜନ ମଲ୍ଲିକ, କ୍ଷିତୀଶ ରାଉତ, ସୁବାସ ମହାନ୍ତି, ରମାକାନ୍ତ ମହାନ୍ତି ପ୍ରମୁଖ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

## ଖଲର୍ଦ୍ଦା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ଫୁଲନଖରା, ୧୮।୨(ସମିସ):** ଖଲର୍ଦ୍ଦା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ଖଲର୍ଦ୍ଦା ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ସରପଞ୍ଚ ଦେବରଞ୍ଜନ ବୈଠାଲୁ ମୁଖ୍ୟଅତିଥି ଯୋଗ ଦେଇଥିଲେ। ୨୪ ମ୍ୟାଚ୍ ବିଶିଷ୍ଟ ଉକ୍ତ ପ୍ରିମିୟର ଲିଗ୍ ଆସନ୍ତା ଏପ୍ରିଲ ମାସ ୬ ତାରିଖରେ ଫଇନାଲ ଖେଳାଯିବା ପାଇଁ ସ୍ଥିର କରାଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ଟି ଜାଗୁଆର ଇଲେଭେନ୍ ଓ ରାଇଜିଂଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୦ଓଭର ବିଶିଷ୍ଟ ଉକ୍ତ ମ୍ୟାଚ୍‌ରେ ୧୪ରନ୍ ବ୍ୟବଧାନରେ ରାଇଜିଂ ଷ୍ଟାର ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି।

## ପୂଜକ ହେମନ୍ତ ପଣ୍ଡାଙ୍କ ଦେହାନ୍ତ



**ନିଶ୍ଚିନ୍ତକୋଇଲି, ୧୮।୨(ସମିସ):** ବରାଦୋ ପଞ୍ଚାୟତ ପାଟପୁର ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବ ଏବଂ କେନ୍ଦୁପାଟଣା ପଞ୍ଚାୟତ ଚମ୍ପତିପାଟଣାର ଆରାଧ୍ୟ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ମୁଖ୍ୟପୂଜକ ହେମନ୍ତ କୁମାର ପଣ୍ଡା (୮୫)ଙ୍କ ପାଟପୁର ବାସଭବନରେ ଦେହାନ୍ତ ହୋଇଛି। ଅବସର ନେବା ପରେ ଦୀର୍ଘ ବର୍ଷ ହେବ ଦୁଇ ମନ୍ଦିରର ପୂଜକ ଭାବେ ରହିବା ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରୁଥିଲେ। ବହୁ ଦିନ ହେବ ମସ୍ତିଷ୍କଘାତ, ପକ୍ଷାଘାତ ଓ କର୍କଟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁର ଅଞ୍ଚଳର ବିଭିନ୍ନ ଭକ୍ତଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ୫କନ୍ୟା, ଜାମାତା ଅମରେଶ ମିଶ୍ର, ନଳିନୀକାନ୍ତ ମିଶ୍ର, ରାଜେନ୍ଦ୍ର ପଣ୍ଡା, ପ୍ରଭଞ୍ଜନ ଦାଶ, ପ୍ରକାଶଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ରଞ୍ଜନ ସାମଲ, ରଞ୍ଜନ ରାଉତ, ସବ୍ୟସାଚୀ କର, ଗୌରହରି ସାହୁ, ଅନ୍ନଦାପ୍ରସାଦ ନନ୍ଦ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ତ୍ରିଲୋଚନ ପଣ୍ଡାଙ୍କ ଉପସ୍ଥିତିରେ କନିଷ୍ଠ ପୁତ୍ର ନିରଞ୍ଜନ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ରାତିର ପିଚୁ ସକାଳକୁ ଉଠିଗଲା; ତଦନ୍ତ ଦାବି

**ଭଦ୍ରେଶ୍ୱର, ୧୮।୨(ସମିସ)**



ଗମନାଗମନର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଡିଣ୍ଡିମ ପିଟାଯାଉଛି। ମାହାଙ୍ଗା ନିର୍ବାଚନମଣ୍ଡଳୀରେ କିପରି ଏହା ଚାଲିଛି ତାହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ରାତିରେ ମରାମତି କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ସକାଳୁ ପିଚୁ ଉଠିଯିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହାର ଭିଜିଲାନ୍ସ ତଦନ୍ତ ଦାବି ହୋଇଛି। ମାହାଙ୍ଗା ବ୍ଲକ କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ମୂଳବସନ୍ତ-ସିପୁରା ଗ୍ରାମ୍ୟ ଉନ୍ନୟନ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ପ୍ରତିବର୍ଷ ସରକାରୀ କାଗଜକଲମରେ ଏହି ରାସ୍ତା ମରାମତି କରାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଆଯାଉଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଯାଉଥିବାର ଅଭିଯୋଗ ହୋଇଛି। ମନ୍ତ୍ରୀ ଯନ୍ତ୍ରୀ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ଏହି ରାସ୍ତାର ଭାଗ୍ୟ ପରିବର୍ତ୍ତନ ଘଟୁ ନ ଥିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତାର ମୂଳ ବସନ୍ତ ଠାରୁ ସିପୁରା ପର୍ଯ୍ୟନ୍ତ ଦେଢ କିମି ମରାମତି କରାଯିବା ନିମନ୍ତେ ସରକାର ୧୫ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ଠିକାଦାର ମନମୁଖି ଭାବେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ରାତ୍ରରେ କରିଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ବେଳେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବାର ସୁଯୋଗ ନେଇ ଠିକାଦାର ମନମୁଖୀ ଭାବେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ଅଟକଳ ଅନୁଯାଇ କରାଯାଇ ନ ଥିବା ବେଳେ ଏଥିରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ତେବେ ଠିକାଦାର ରାତିରେ ନିର୍ମାଣ କରିଥିବା ରାସ୍ତାରୁ ସକାଳୁ ପିଚୁ ଉଠିଯାଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ସ୍ଥାନୀୟ ବିଧାୟକ କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି କରାଗଲେ କ୍ଷମା ଦିଆଯିବ ନାହିଁ ବୋଲି ଡିଣ୍ଡିମ ପିଟୁଥିଲା ବେଳେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ବିଧାୟକ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଭବିଷ୍ୟତ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଜନ ମଲିକ କହିଛନ୍ତି, ଅଟକଳ ଅନୁଯାୟୀ ରାସ୍ତା ନିର୍ମାଣ କରାଯାଇଛି। ମାତ୍ର ସ୍ଥାନୀୟ ଲୋକେ ଉଦ୍ଦେଶ୍ୟମୂଳକ ଭାବେ ରାସ୍ତାର କିଛି ଅଂଶକୁ ଖୋଳି ଦେଇଛନ୍ତି। ଏହି ରାସ୍ତାକୁ ପୁନର୍ବାର ମରାମତି କରାଯାଇଥିବାର ପ୍ରକାଶ କରିଥିଲେ।

## ମା’ ସାଉଁଳେଇ ନାଟ୍ୟ ସଂସଦର ବାର୍ଷିକ ନାଟ୍ୟ ଉତ୍ସବ



**ନେମାଳ, ୧୮।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ପଞ୍ଚାୟତ ସାଉଁଳେଇ ନାଟ୍ୟ ସଂସଦର ତୃତୀୟ ବାର୍ଷିକ ନାଟ୍ୟ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ସେଠୀ ଉଦଘାଟନ କରିଥିଲେ। ପ୍ରାକ୍ତନ ସରପଞ୍ଚ ଶଶିକାନ୍ତ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ତରଣୀସେନ ଜେନା, ବିଜେପି ନେତା ରଞ୍ଜନ ନନ୍ଦ, ମୀନକେତନ ମହାନ୍ତି, ଶିକ୍ଷାବିତ ବିଚିତ୍ରାନନ୍ଦ ଜେନା, କ୍ଷୀରୋଦ ବେହେରା, ସୁରେଶଚନ୍ଦ୍ର ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ସଂସଦର ସଭାପତି ମନୋଜ ମିଶ୍ର, ଉପସଭାପତି ଧୁନା ପାତ୍ର, ସମ୍ପାଦକ କୈଳାଶଚନ୍ଦ୍ର ଓଝା, ସହସମ୍ପାଦକ ରବି ନାରାୟଣ ଓଝାଙ୍କ ସମେତ ସ୍ଥାନୀୟ ସାହାଁଳପୁର ଗ୍ରାମବାସୀ ସହଯୋଗ କରିଥିଲେ। ନାଟକ ‘କୁହୁଡି ଘର’ ଓ ‘କହ୍ନେଇ ରାଜା ମୋ ବାଇଦ ବଜା’ ମଞ୍ଚସ୍ଥ କରାଯାଇଥିଲା।

